## ସଂକ୍ଷେପରେ

### ବାର୍‌ହା ଶିକାରୀଙ୍କ ବିଦ୍ୟୁତ୍ ତାରରେ ଲାଗି ଜଣେ ମୃତ

ଖଲ୍ଲିକୋଟ,୮।୪(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥୁରିନାଳ ନିକଟସ୍ଥ ବିଲରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୈରାଶି ଗ୍ରାମର ସୀମାଞ୍ଚଳ ସ୍ୱାଇଁ। ରବିବାର ରାତି ପ୍ରାୟ ୧୧ଟାରେ ସୀମାଞ୍ଚଳ ବିଲକୁ ଯାଇଥିବା ବେଳେ ପଥରିନାଳ ନିକଟସ୍ଥ ବିଲରେ ବାରହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାରରେ ଲାଗି ଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଖଲ୍ଲିକୋଟ ଥାନା ପୋଲିସ ସୋମବାର ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ଖଲ୍ଲିକୋଟ ମେଡ଼ିକାଲକୁ ପଠାଇଥିଲା।ସେଠାରୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିଲା। ପୋଲିସ ଏ ନେଇ ନଂ.୨୯୫/୨୪ରେ ମାମଲା ରୁଜୁ କରିଜମି ମାଲିକଙ୍କୁ ଅଟକ ରଖିଥିଲା। ପଚରାଉଚରା ପରେ ତାଙ୍କୁ ଗିରଫ କରିଛି। ଶିକାରୀଙ୍କ ବିଦ୍ୟୁତ ତାରରେ ଲାଗି ଏଭଳି ଅନେକ ଜୀବନ ଯାଉଥିବାରୁ ବନ ବିଭାଗ ଏବଂ ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

### ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ

କବିସୂର୍ଯ୍ୟନଗର, ୮।୪ (କୃପାସିନ୍ଧୁ ସ୍ୱାଇଁ):

ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ,ଆଇବି ଛକ, ପ୍ରଭୁ ପ୍ରୀତିଭବନ ଠାରେ ଆଜି ଏକ ଆଧ୍ୟାତ୍ମିକ ସ୍ନେହ ମିଳନର ଆୟୋଜନ କରାଯାଇଥିଲା। ଏହି ଅବସରରେ ସୁଦୁର ମାଉଣ୍ଟ ଆବୁ, ରାଜସ୍ଥାନ, ବ୍ରହ୍ମା କୁମାରୀସ ମୁଖ୍ୟାଳୟରୁ ଆସିଥିଲେ ରାଜଯୋଗୀ ବ୍ରହ୍ମାକୁମାର ନିରଞ୍ଜନ ଭାଇ। ସେ କହିଥିଲେ ଯେ ଆଧ୍ୟାତ୍ମିକ ଜ୍ଞାନ ଦ୍ୱାରା ମଣିଷ ସତ୍ ମାର୍ଗରେ ଯାତ୍ରା କରିଥାଏ ଓ ଜୀବନରେ ଉନ୍ନତିର ଶୀର୍ଷରେ ପହଞ୍ଚିଥାଏ। ଆସିକା ଶାନ୍ତି ଶକ୍ତି ଭବନର ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଦିଦି ପରମାତ୍ମାଙ୍କ ପରିଚୟ ପ୍ରଦାନ କରିଥିଲେ। ବ୍ରହ୍ମାକୁମାର ସତ୍ୟପ୍ରିୟ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅତିଥିମାନଙ୍କୁ ସ୍ୱାଗତ ସମ୍ଭାଷଣ କରିଥିଲେ ବ୍ରହ୍ମାକୁମାରୀ ନିରୁପ୍ରଭା। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଅବସରପ୍ରାପ୍ତ ଭରତୀୟ ସେନାବାହିନୀର କ୍ୟାପ୍ଟେନ ଟି. ରାମେଶର ପାତ୍ର ଓ ଅନ୍ୟତମ ଅତିଥି ବରିଷ୍ଠ ସମାଜସେବୀ ଜି. ସମ୍ଭୁଲୀଙ୍ଗମ ଆଚାରୀ। ସହଯୋଗ କରିଥିଲେ ବ୍ରହ୍ମାକୁମାରୀ ଧରଣୀ, ଲିଳାବତୀ, ଅନୁରାଧା, ସ୍ମୃତିରେଖା, ଜୋତି, ବ୍ରହ୍ମା କୁମାର ଚରଣ, ବିଶ୍ୱନାଥ, ବଳରାମ, ଅଭିମନ୍ୟୁ, କାଳୁ ପ୍ରମୁଖ।

### ବିଦ୍ୟୁତ୍ ସଂସ୍ପର୍ଶରେ ଶ୍ରମିକ ମୃତ

ଗଞ୍ଜାମ,୮।୪(ବିଦ୍ୟାଧର ସାହୁ)- ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଉକ୍ତ ଗ୍ରାମ ଡଗର ପଡ଼ିଆରେ ସାବରେଜିଷ୍ଟ୍ରି ନୂତନ କୋଠା ନିର୍ମାଣ କାର୍ଯ୍ୟ ଚାଲିଛି। ସେହି ନୂତନ କୋଠା ନିର୍ମାଣ ପିଡବ୍ଲୁ ହାତକୁ ନେଇଛି। ସୋମବାର ସେହି କୋଠା ତିଆରି କାମ ଚାଲିଥିବା ବେଳେ ଅସାବଧାନତା ଯୋଗୁ ବିଦ୍ୟୁତ୍ ତାର ଲାଗି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ମୃତବ୍ୟକ୍ତି ଜଣଙ୍କ ଆସିକା ଅଞ୍ଚଳର ବୋଲି ଚର୍ଚ୍ଚା ହେଉଥିଲେ ମଧ୍ୟ ତାଙ୍କର ପ୍ରକୃତ ପରିଚୟ ଖବର ଲେଖା ସୁଦ୍ଧା ଜଣା ପଡିନାହିଁ।

# ଓଏଭିରେ ଶିକ୍ଷକ ଅଭାବ, ପ୍ରତିବାଦ ଜଣାଇଲେ ଅଭିଭାବକ



ସ୍କୁଲ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକ ପ୍ରତିବାଦ କରୁଛନ୍ତି।

ଗଞ୍ଜାମ,୮।୪(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଶତ୍ରୁଶୋଲ ଗ୍ରାମସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ଦୀର୍ଘଦିନ ହେବ ଶିକ୍ଷକ ସମସ୍ୟା ଲାଗି ରହିଛି। ଏନେଇ ଅଭିଭାବକ ବାରମ୍ବାର ସ୍କୁଲ ପ୍ରିନ୍ସପାଲଙ୍କୁ ଅବଗତ କରାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ସ୍କୁଲ ସମ୍ମୁଖରେ ପ୍ରତିବାଦ କରିବା ସହ ପ୍ରବଳ ହୋହାଲ୍ଲା କରିଥିଲେ। ଶୀଘ୍ର ଶିକ୍ଷକ ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଗଣତନ୍ତ୍ର ପଦ୍ଧତିରେ ଆନ୍ଦୋଳନ କରାଯିବ ବୋଲି ଅଭିଭାବକମାନେ ଲିଖିତ ଅଭିଯୋଗପତ୍ର ପ୍ରିନ୍ସପାଲଙ୍କୁ ପ୍ରଦାନ କରିଛନ୍ତି । ଉକ୍ତ ସ୍କୁଲରେ ୬ରୁ ଯୁକ୍ତ ୨ ପର୍ଯ୍ୟନ୍ତ ଶ୍ରେଣୀରେ ୪୬୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ମାତ୍ର ୧୧ ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ଯେଉଁଠି ୧୬ ଜଣ ଶିକ୍ଷକ ଆବଶ୍ୟକତା ଥିବା ବେଳେ ୧୧ ଜଣ ଶିକ୍ଷକରେ ପିଲାମାନେ କିପରି ପାଠ ପଢ଼ିବେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ପ୍ରତ୍ୟେକ ବିଷୟ ନିମନ୍ତେ ଆବଶ୍ୟକ ଶିକ୍ଷକ ନାହାଁନ୍ତି। ପ୍ରିନ୍ସପାଲ ଶିକ୍ଷକ ଅଭାବ ଥିବା ସ୍ୱୀକାର କରିବା ସହ ଅଭିଯୋଗ ସମ୍ପର୍କରେ ଜିଲା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିବେ ଏବଂ ଶୀଘ୍ର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି କହିବା ପରେ ଛାତ୍ର ଓ ଅଭିଭାବକ ଆନ୍ଦୋଳନରୁ ଓହରିଥିଲେ।

# କବିସୂର୍ଯ୍ୟନଗରରେ ଭାଜପାର ନିର୍ବାଚନୀ ପ୍ରଚାର


ଭାଜପା ପ୍ରାର୍ଥୀ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି।

କବିସୂର୍ଯ୍ୟନଗର,୮।୪(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ପ୍ରଥମ ଥର ପାଇଁ ଭାଜପାରୁ ଟିକେଟ ପାଇବା ପରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ପ୍ରାର୍ଥୀ ପ୍ରତାପ ନାୟକ। ଯୁବନେତା ପ୍ରତାପ ନିଜ ସମର୍ଥକମାନଙ୍କୁ ନେଇ ଆଠଗଡ଼ପାଟଣା ପଞ୍ଚାୟତ ଓ ଗଙ୍ଗାପୁର ପଞ୍ଚାୟତର ବଡଆଗୁଳ, ରଘୁନାଥପଲ୍ଲୀ, ପିଠାପୁର, ନୂଆପଲ୍ଲୀ, ବଣପଲ୍ଲୀ, ଗଙ୍ଗାପୁର ଗ୍ରାମରେ ଘରେ ଘରେ ପହଞ୍ଚି ଭୋଟଭିକ୍ଷା କରିଛନ୍ତି। ନିଜ ସମର୍ଥକମାନଙ୍କ ସହ ରାଲି ମଧ୍ୟ କରିଛନ୍ତି । ପ୍ରତାପଙ୍କ ସହ ପ୍ରଚାରରେ କବିସୂର୍ଯ୍ୟନଗର ଭାଜପା ମଣ୍ଡଳ ସଭାପତି ଶ୍ରୀକାନ୍ତ ମହାରଣା, ନିର୍ବାଚନ ମଣ୍ଡଳୀ ସଂଯୋଜକ ଶ୍ରୀକାନ୍ତ ପଣ୍ଡା, କର୍ମୀ ଅଜୟ ପାତ୍ର, ନାରାୟଣ ବିଶ୍ୱାଳ, ସିମାଞ୍ଚଳ ବିଶ୍ୱାଳ, ଗୁରୁନାଥ ଗୌଡ଼, ସୁଶୀଲ କରଣ, ନବକିଶୋର ବିଶ୍ୱାଳ, ବବୁଲ ଜେନା, ଶୁଭମ ଗୌଡ଼, ମିଥୁନ କରଣ, ସନ୍ତୋଷ ପରିଡ଼ା, ପିଣ୍ଟୁ ଦଳାଇ, କାଳିଆ ନାହାକ, ଦେବାଶିଷ ଡାକୁଆ, ଲକ୍ଷଣ ବିଶ୍ୱାଳ, ଦୁର୍ଗାମାଧବ ନାହାକ ପ୍ରମୁଖ ଶତାଧିକ କର୍ମୀ ସାମିଲ ଥିଲେ।

# ଭଞ୍ଜ ଟ୍ରଫି କବାଡ଼ି ପ୍ରତିଯୋଗିତା, ବୁଗୁଡ଼ା ଚାମ୍ପିୟନ



ଚମ୍ପିୟନ ବୁଗୁଡ଼ା ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଭଞ୍ଜନଗର,୮।୪(ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଦୁଇଦିନ ଧରି ଚାଲିଥିବା କବି ସମ୍ରାଟ କବାଡ଼ି ପ୍ରତିଯୋଗିତା ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବୁଗୁଡ଼ା ଏବଂ ବ୍ରହ୍ମପୁର ନିକଟସ୍ଥ ପଞ୍ଚମା ମଧ୍ୟରେ ହୋଇଥଲା। ଏଥିରେ ବୁଗୁଡ଼ା ୩୧-୨୫ ସ୍କୋରରେ ଚାମ୍ପିୟନ ହୋଇଛି। ଚାମ୍ପିୟନ ଟିମ୍‌କୁ ୫୫୫୫ ଟଙ୍କା ଏବଂ ରନର୍ସ ଟିମକୁ ୩୩୩୩ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ବୀରେନ୍ଦ୍ର କେଶରୀ ଆରୁଖ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସ ଟିମ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲୁଣ୍ଡୀ ସୋସାଇଟି ନିର୍ଦ୍ଦେଶକ ନାରାୟଣ ଆରୁଖ, କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ, ପ୍ରାଧ୍ୟାପକ ବିଭାସ ଦାସ, ଆଇନଜୀବୀ ଅଶୋକ ଜେନା, ସୁରେନ୍ଦ୍ର ଗୌଡ଼ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶୂଳପାଣି ଶତପଥୀ ସଭାକୁ ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୨ଟି ଟିମ୍ ଭାଗ ନେଇଥିଲେ। କ୍ରୀଡ଼ା ପ୍ରଶିକ୍ଷକ ପି ଆନନ୍ଦ ରାଓ, ଅଂଶୁମାନ ବିଷୋୟୀ, ଚନ୍ଦନ, ପି ରମେଶ, ବିଚିତ୍ର ଜେନା, ସୁବାସ ଗୌଡ, ପ୍ରବୀଣ କୁମାର ଖାଡେଙ୍ଗା, ମାନସ ପ୍ରହରାଜ, ଆକାଶ ରେଡ୍ଡୀ ପ୍ରମୁଖ ପ୍ରତିଯୋଗିତାଗୁଡ଼ିକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶ୍ରେଷ୍ଠ ରିଡର୍ ପଞ୍ଚମାର ସନ୍ଦୀପ ସେଠୀ, ଶ୍ରେଷ୍ଠ ଡିଫେଣ୍ଡର ପଞ୍ଚମାର ନିଖିଲ ହୋଇଛନ୍ତି। ଶ୍ରେଷ୍ଠ ଖେଳାଳି ବୁଗୁଡ଼ାର ଶୁଭଙ୍କର ଗୌଡ ହୋଇଥିଲେ । ସେହିଭଳି ମହିଳା କବାଡ଼ି ପ୍ରତିଯୋଗିତାରେ ଆସିକା ଚାମ୍ପିୟନ ହୋଇଥିବା ବେଳେ ବୁଗୁଡ଼ା ରନର୍ସ ହୋଇଛି।

# ଡ୍ରାଇଭର ଓ ହେଲ୍‌ପରଙ୍କୁ ମରଣାନ୍ତକ ଆକ୍ରମଣ, ୫ ଗିରଫ

ହିଞ୍ଜିଳିକାଟୁ,୮।୪(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ବସ ଟର୍ମିନାଲ ପରିସରରେ ରବିବାର ରାତିରେ ଡ୍ରାଇଭର ଓ ହେଲପରଙ୍କୁ ମରଣାତ୍ମକ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ୫ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ହିଞ୍ଜିଳିକାଟୁ ପୌରାଞ୍ଚଳ ପାଟଣା ସାହିର ସାଗର ଦାସ (୨୮), ପିଣ୍ଟୁ ଦାସ (୨୧), ଦିପୁ ଦାସ (୨୪), ହିଞ୍ଜିଳି ଠାକୁରାଣୀ ସାହିର ମନୋଜ ଦାସ (୨୪) ଓ ଶିଶିର ଦାସ (୨୫) ।

ପ୍ରକାଶ ଯେ, ରବିବାର ରାତିରେ ହିଞ୍ଜିଳିକାଟୁଠାରୁ କଟକ ଅଭିମୁଖେ ଯାଉଥିବା ଘରୋଇ ଯାତ୍ରୀବାହୀ ବସ (ଓଡି୦୨ ସିକେ ୧୨୪୩) ହିଞ୍ଜିଳିକାଟୁ ବସ ଟର୍ମିନାଲ ପରିସରରେ ପହଞ୍ଚିଥିଲା । କିଛି ଯୁବକ ବସ ନିକଟରେ ପହଞ୍ଚି ଗାଡି କାହିଁକି ଏଠାରେ ରଖିଛ ବୋଲି କହିବା ସହ ଡ୍ରାଇଭର ସହ ଯୁକ୍ତିତର୍କ କରିଥିଲେ । ପରେ ସେମାନେ ଉତ୍ତ୍ୟକ୍ତ ହୋଇ ବସର ସମ୍ମୁଖ ଭାଗ ନଷ୍ଟ କରିଥିଲେ ଓ ଡ୍ରାଇଭର ହେଲପରଙ୍କୁ ଗାଡିରୁ ତଳକୁ ଓହ୍ଲାଇ ଠେଙ୍ଗା, ଖଣ୍ଡା ଓ ପଥରରେ ଆକ୍ରମଣ କରିଥିଲେ। ଯୁବକଙ୍କ ସଂଘବଦ୍ଧ ଆକ୍ରମଣରେ ବସର ଚାଳକ ହିଞ୍ଜିଳି ଥାନା ଖରିଡା ଗ୍ରାମର ପ୍ରମୋଦ କୁମାର ରାଉଳ (୩୪) ଓ ହେଲପର ପୋଲସରା ଥାନା ଅଞ୍ଚଳର ଅଜୟ କୁମାର ନାୟକ (୨୫)ଗୁରୁତର ଆହତ ହୋଇଥିଲେ। ଆହତଙ୍କ ଅଭିଯୋଗ କ୍ରମେ ହିଞ୍ଜିଳି ଥାନାରେ ନଂ . ୩୫୨/୨୪ ରେ ଏକ ମାମଲା ରୁଜୁ ହୋଇଛି । ଏହି ଘଟଣା ନେଇ ଡ୍ରାଇଭର ଓ ହେଲପର ଗୋଷ୍ଠୀ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆକ୍ରମଣରେ ସମ୍ପୃକ୍ତ ଥିବା ୫ ଜଣ ଯୁବକଙ୍କୁ ସୋମବାର ପୋଲିସ ଗିରଫ କରିଥିଲା।

# ସକାଳେ ବିଜେଡି, ଅପରାହ୍ନରେ ଭାଜପାରେ ସାମିଲ


ଭାଜପାରେ ସାମିଲ ହୋଇଥିବା ବିଜେଡି କର୍ମୀ।

ପାତ୍ରପୁର,୮।୪(ଉମା ଚରଣ ନେପାକ)

ସାଧାରଣ ନିର୍ବାଚନ ପାଇଁ ଗାଁ ଠୁ ସହର ବେଶ୍ ଚଳଚଞ୍ଚଳ ହୋଇଉଠିଛି । ନିର୍ବାଚନରେ ଯୁବଗୋଷ୍ଠୀର ବଡ଼ ଭୂମିକା ରହିଥିବା ବେଳେ ପ୍ରାର୍ଥୀମାନେ କୌଣସି ମତେ ଯୁବଗୋଷ୍ଠୀଙ୍କୁ ନିଜ ଦଳରେ ରଖିବାକୁ ଚାହାନ୍ତି । କିଛି ଯୁବଗୋଷ୍ଠୀ ନିଜ ଗ୍ରାମର ଉନ୍ନତି ପାଇଁ ଦଳ ପରିବର୍ତ୍ତନ କରୁଥିବା ବେଳେ କିଛି ନିଜର ଉନ୍ନତି ପାଇଁ ଦଳ ପରିବର୍ତ୍ତନ କରିଥାନ୍ତି । ଏଭଳି ସମୟରେ ମାତ୍ର ୬ଘଣ୍ଟା ପାଇଁ ହୋଇଥିବା ଏକ ମିଶ୍ରଣ ପର୍ବକୁ ନେଇ ଏବେ ବେଶ୍ ଚର୍ଚ୍ଚା ଦେଖାଦେଇଛି ।ସୂଚନା ପ୍ରକାରେ, ପାତ୍ରପୁର ବ୍ଲକ ପଦାଦିଗି ପଞ୍ଚାୟତ ଅନ୍ତର୍ଗତ ନାରାୟଣପୁର ଗ୍ରାମର କେତେଜଣ ଯୁବକ ସୋମବାର ସକାଳୁ ବିଜେଡିରେ ସାମିଲ ହୋଇଥିବା ନେଇ ବିଜେଡି ପକ୍ଷରୁ ସାମାଜିକ ଗଣମାଧ୍ୟମରେ ପ୍ରଚାରପ୍ରସାର କରିଥିବା ବେଳେ ଏହାର ୬ଘଣ୍ଟା ପରେ ପାତ୍ରପୁରସ୍ଥିତ ଭାଜପା କାର୍ଯ୍ୟାଳୟରେ ଉକ୍ତ ଯୁବକମାନେ ଆସି ଭାଜପାରେ ସାମିଲ ହୋଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ଦଣ୍ଡନାଚର ସାଂସ୍କୃତିକ କାର୍ଯ୍ୟକ୍ରମ: ଦର୍ଶକଙ୍କ ମନମୋହୁଛି ସ୍ୱସ୍ତି ସୁନ୍ଦରଙ୍କ ଅଭିନୟ

ବେଲଗୁଣ୍ଠା,୮।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମର ପ୍ରସିଦ୍ଧ ଗଣପର୍ବ ଦଣ୍ଡନାଚ ପାଇଁ ଚାରିଆଡେ ଉତ୍ସବ ମୁଖର। ମାନସିକ ଧାରିମାନେ ନିଜ ନିଜ ଗାଁ କିମ୍ବା ମାନସିକ ରଖିଥିବା ପୁଞ୍ଜା ସହିତ ଘର ଛାଡ଼ି ସେହି ସମୟରେ ବାହାରେ ବୁଲନ୍ତି। ଦିନ ତମାମ ଦଣ୍ଡନାଚର ବିଭିନ୍ନ ପ୍ରକାର ନୀତି ନିୟମ ସହିତ ଭକ୍ତଙ୍କ ଆଗରେ ଧୂଳିଦଣ୍ଡ ପରିବେଷଣ କରନ୍ତି। ସନ୍ଧ୍ୟାରେ ପାଣିଦଣ୍ଡ ଏବଂ ମଧ୍ୟରାତ୍ରିରେ ଅଗ୍ନିଦଣ୍ଡ ଏହିଭଳି ବିଭିନ୍ନ ପ୍ରକାର ନିୟମରେ ସମାପନ ହୁଏ। ମଧ୍ୟରାତ୍ରିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ ପରିବେଷଣ କରାଯାଏ। ବେଲଗୁଣ୍ଠା ବ୍ଲକ ଅଧୀନ କୋକୋଲୁଣ୍ଡା ଗ୍ରାମର ଓଡ଼ିଶା ଯାତ୍ରା ଜଗତର ଖ୍ୟାତନାମ ନିର୍ଦ୍ଦେଶକ ଶାନ୍ତନୁ ଓଝାଙ୍କ ନିର୍ଦ୍ଦେଶନା ଓ ଡ଼ଃ ଦୀପକ ଜେନାଙ୍କ ରଚିତ ନାଟକ 'କାନ୍ଦେନା ଲୁହ ସରିଯିବ' ନାଟକଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମର ଯୁବକମାନେ ନିଖୁଣ ଅଭିନୟ କରି ନାଟକକୁ ଜୀବନ୍ତ ରୂପ ଦେବା ପାଇଁ ଚେଷ୍ଟା କରିଥିବା ବେଳେ ନାୟକ ଭୂମିକାରେ ଅବତୀର୍ଣ୍ଣ ସ୍ୱସ୍ତି ସୁନ୍ଦର, ଅଶ୍ୱିନୀ ପାଣି, ହାସ୍ୟ ଅଭିନେତା ଶିବରାମ ରାଉତଙ୍କ ନିଖୁଣ ଅଭିନୟ ସମସ୍ତଙ୍କୁ ମନମୋହୁଛି। ସ୍ୱସ୍ତି ସୁନ୍ଦରଙ୍କ ରଚନାତ୍ମକ ସଂଳାପ ପରିବେଷଣ ନାଟକକୁ ଅଧିକା ଜୀବନ୍ତ କରୁଛି। ପ୍ରକାଶଥାଉକି ସ୍ୱସ୍ତି ସୁନ୍ଦର ସମାଜ ସେବା କ୍ଷେତ୍ରରେ ଜଣେ ଅଗ୍ରଣୀ ବ୍ୟକ୍ତିତ୍ୱ। ମଞ୍ଚ ପରିଚାଳନାରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ରହିଥିବା ବେଳେ ସାମାଜିକ ଅନୁଷ୍ଠାନ ରେସ୍ୱଣ୍ଡ ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ନିଜ ଦାୟିତ୍ୱ ନିର୍ବାହନ କରୁଛନ୍ତି। କୋକୋଲୁଣ୍ଡା ପୂର୍ବେ ଅନେକ ପୌରାଣିକ, କାଳ୍ପନିକ ଓ ସାମାଜିକ ନାଟକ ପରିବେଷଣ କରି ଯାତ୍ରାଜଗତକୁ ଦେଇଛି ଅନେକ କାଳଜୟୀ ଉପହାର।

# ଆମ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ମିଳିତ ସର୍ଭେ

ଧରାକୋଟ,୮।୪(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ରାଜ୍ୟ ସରକାରଙ୍କ ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ ଧରାକୋଟ ରାଜସ୍ୱ ସର୍କଲ ଅଧିନସ୍ଥ କପିଳାସ ମୌଜାର ଖାତା ନଂ. ୨୦୪ ପ୍ଲଟ ନମ୍ବର ୧୭୮୨, ୧୭୮୩, ୧୭୮୪,୧୫୧୫/୧୭୮୫ରେ ନୂତନ ବସଷ୍ଟାଣ୍ଡ ତିଆରି ହେବ। ଏଥିପାଇଁ ରାଜସ୍ୱ ବିଭାଗ ତରଫରୁ ବାଣିଜ୍ୟ ଓ ପରିବହନ ବିଭାଗକୁ ଏକ ଏକର ଜମି ହସ୍ତାନ୍ତର କରାଯାଇ ବିଭାଗ ନାମରେ ସେଟେଲ କରାଯାଇଛି। ୫ କୋଟି ଟଙ୍କା ବ୍ୟୟରେ ପୋଲିସ ହାଉସିଂ ବିଭାଗ ତରଫରୁ ଏହାର ନିର୍ମାଣ କରାଯିବ। ଏଥିପାଇଁ ଜମି ଚିହ୍ନଟ କରାଯାଇ ନିର୍ମାଣକାରୀ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ପୋଲିସ ହାଉସିଂ ବିଭାଗର ନିର୍ବାହୀ ଅଧିକାରୀ ସୁବାସ ପଣ୍ଡା, କନିଷ୍ଠ ଯନ୍ତ୍ରୀ ତନୟ ପ୍ରଧାନ ପ୍ରମୁଖ ସୋମବାର ବସଷ୍ଟାଣ୍ଡ ସ୍ଥାନ ପରିଦର୍ଶନ କରିଥିଲେ। ବନପାଳ ଅକ୍ଷୟ କୁମାର ତ୍ରିପାଠୀ, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ନାୟକ, ବିଭାଗୀୟ କର୍ମଚାରୀ ପ୍ରଦୀପ ସାହୁ, ଦେବୀ ପ୍ରସାଦ ନାହାକ ପ୍ରମୁଖ ସଂପୃକ୍ତ ସ୍ଥାନ ପରିଦର୍ଶନ କରି ଏକ ମିଳିତ ସର୍ଭେ ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଛନ୍ତି। କପିଳାସ ମୌଜାର ଏହି ସ୍ଥାନ ସମ୍ପୂର୍ଣ୍ଣ ରାଜସ୍ୱ ବିଭାଗର ହୋଇଥିବା ବେଳେ ଏହି ଅଞ୍ଚଳରେ ଜଙ୍ଗଲ ବିଭାଗର କୌଣସି ଗଛ ନ ଥିବା ସର୍ଭେରୁ ଜଣାଯାଇଛି। ତେଣୁ ତୁରନ୍ତ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭାଜପାରୁ ନିର୍ବାଚନ ଲଢ଼ିବେ ଗୋକୁଳାନନ୍ଦ


ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଶୁଭେଚ୍ଛା ଜଣାଉଛନ୍ତି କର୍ମୀ।

ପୋଲସରା,୮।୪(ସୁବ୍ରତ ବେହେରା)

୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ସେତେ ରାଜନୈତିକ ସରଗରମ ଦେଖିବାକୁ ମିଳୁଛି। ନିଜ ନିଜ ଦଳର ପ୍ରାର୍ଥୀ ଘୋଷଣା ପରେ କର୍ମୀମାନଙ୍କ ଉତ୍ସାହ ସହିତ ଶୁଭେଚ୍ଛାର ସୁଅ ଛୁଟୁଛି। ସେହିପରି ପୋଲସରା ବିଧାନସଭା ପାଇଁ ଭାଜପାରୁ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଦଳ ପ୍ରାର୍ଥୀ ଘୋଷଣା କରିବା ପରେ କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଘୁମୁସର ଜିଲା ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ ଓ ଉପସଭାପତି ପ୍ରଭାକର ପଣ୍ଡାଙ୍କ ନେତୃତ୍ୱରେ ପୋଲସରା ରାଣିପଡ଼ାଠାରୁ ଶତାଧିକ କର୍ମୀମାନଙ୍କୁ ନେଇ ବିଶ୍ୱାଳ ରାଲିରେ ବାହାରି ଶ୍ରୀକାନ୍ତ ହଟାଓ ଗୋକୁଳାନନ୍ଦକୁ ଜିତାଓ ସ୍ଲୋଗାନ ଦେଇ ବ୍ଲକ ଛକ ନିକଟରେ ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତେ ଏକ ହୋଇ ଭାଜପାକୁ ଜିତିବାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ସମୟରେ ସମସ୍ତ ମଣ୍ଡଳ ସଭାପତି ଓ ଶତାଧିକ କର୍ମୀ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଛନ୍ତି।

# ବିଦ୍ୟୁତ୍ କାଟରେ ଲୋକେ ଅତିଷ୍ଠ

ଶେରଗଡ,୮।୪(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡରେ ଦିନକୁ ଦିନ ବିଦ୍ୟୁତ୍ କାଟ ବଢୁଛି। ଟାଟା ପାୱାର ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେବାପରଠାରୁ ଏହି ସମସ୍ୟା ଅଧିକ ଦେଖାଯାଉଛି। ରବିବାର ରାତିରେ ଅଞ୍ଚଳରେ ଅସରାଏ ବର୍ଷା ହୋଇଛି କି ନାହିଁ ଅପରାହ୍ନ ୪ଟାରୁ ବିଜୁଳି ଚାଲିଗଲା। ପ୍ରାୟ ୭ ଓ ୮ ଘଣ୍ଟା ବିଜୁଳି ଉଭାନ ହୋଇଯିବାରୁ ଶେରଗଡ ପୁରା ଅନ୍ଧାର ହୋଇଯାଇଥିଲା। ଶେରଗଡବାସୀ ନାହିଁ ନ ଥିବା ହଇରାଣ ହୋଇଥିଲେ। ଏହାପରେ ହିଞ୍ଜିଳି ନିର୍ବାହୀ ଅଧିକାରୀ ଗୋପାଳ କୃଷ୍ଣ ପଣ୍ଡାଙ୍କ ହସ୍ତକ୍ଷେପ ପରେ ରାତି ଅଧରେ ବିଜୁଳି ଆସିଥିଲା। ଆଗକୁ ଏଭଳି ସମସ୍ୟା ଲାଗି ରହିଲେ ଲୋକେ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଚିତ୍ରରେ ରଙ୍ଗ ଲେପିଲେ ଫ୍ଲାଇଙ୍ଗ୍ ସ୍କ୍ୱାଡ୍

**ନିର୍ବାଚନ ଆଚରଣ ବିଧି ପାଳନ କଡ଼ାକଡ଼ି**




ବୁଗୁଡ଼ା,୮।୪(କାଳିଚରଣ ଦାଶ)

ବୁଗୁଡ଼ା ସହରରେ ନିର୍ମାଣାଧୀନ ଅବଦୁଲ୍ କାଲାମ୍ ସାଇନ୍ସ ପାର୍କରେ ଅଙ୍କାଯାଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିତ୍ରରେ ସୋମବାର ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ରଙ୍ଗ ଲେପିବା ଦୃଶ୍ୟ ଦେଖିବାକୁ ମିଳିଥିଲା।

ପ୍ରକାଶ ଯେ, ମୁକ୍ତା ଯୋଜନା ଆନୁକୁଲ୍ୟରେ ନିର୍ମାଣାଧୀନ ଉକ୍ତ ସାଇନ୍ସ ପାର୍କ ସଂଲଗ୍ନ ଏକ ପାଚେରୀରେ ନବୀନ ପଟ୍ଟନାୟକଙ୍କ ବିରାଟ ଚିତ୍ର ଅଙ୍କନ କରାଯାଇଥିଲା। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରଠୁ ଉକ୍ତ ଚିତ୍ରକୁ ଆବୃତ କରାଯାଇଥିଲା। ତେବେ ରବିବାର ଅପରାହ୍ନରେ ହୋଇଥିବା କାଳବୈଶାଖୀ ତାଣ୍ଡବ କାଳରେ ଝଡତୋଫାନ ଯୋଗୁ ଘୋଡାଯାଇଥିବା ଜରିପାଲ ଉଡିଯାଇ ଉକ୍ତ ଚିତ୍ର ଅନାବୃତ ହୋଇପଡିଥିଲା। ଏ ନେଇ ଅଭିଯୋଗ ଅଥବା ଖବର ପାଇବା ପରେ ସୋମବାର ୧୨୪ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଗଠିତ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ନିକଟରେ ପହଞ୍ଚିଥିଲା। ଫଳରେ ସୋମବାର ପୂର୍ବାହ୍ନରେ ବୁଗୁଡ଼ା ପୋଲିସ ଓ ଏନ୍ଏସି କର୍ମଚାରୀଙ୍କ ଉପସ୍ଥିତିରେ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଚିତ୍ରରେ ରଙ୍ଗ ଲେପନ କରାଯାଇ ଚିତ୍ରଟିର ରୂପରେଖ ବଦଳା ଯାଇଥିଲା। ଏଥର ସାଧାରଣ ନିର୍ବାଚନ ଆଚରଣ ବିଧି ପାଳନ ନେଇ ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରୁଥିବା ସାଧାରଣରେ ଆଲୋଚନା ହେଉଛି।

**ସଂକ୍ଷେପରେ**

## ପ୍ରାର୍ଥୀ ଦେଖି ଭୋଟ ଦେବାକୁ ଅପିଲ କରିବ ମିଳିତ କ୍ରିୟାନୁଷ୍ଠାନ କମିଟି

ବ୍ରହ୍ମପୁର,୮।୪(ସ୍ମୃତି ରଞ୍ଜନ ମହାଲିକ)- ବ୍ରଜନଗରଠାରେ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ବୈଠକ ହୋଇଥିଲା। ଆସନ୍ତା ସାଧାରଣ ନିର୍ବାଚନରେ ଦଳ ନୁହେଁ ପ୍ରାର୍ଥୀ ଦେଖି ଭୋଟ ଦେବାକୁ ଭୋଟରଙ୍କୁ ଅପିଲ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ ବୈଠକରେ ସଭାପତିତ୍ୱ କରିଥିଲେ। କମିଟି ପକ୍ଷରୁ ବ୍ରହ୍ମପୁର ଓ ଗୋପାଳପୁର ବିଧାସଭା ଆସନରୁ ଲଢିବା ନିମନ୍ତେ ଯେଉଁ ନିଷ୍ପତ୍ତି ହୋଇଥିଲା ସେ ସଂପର୍କରେ ଆଲୋଚନା ହୋଇଥିଲା। ଆଗାମୀ ୨ରୁ ୩ ଦିନ ମଧ୍ୟରେ କମିଟି ଉଭୟ ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଚୂଡାନ୍ତ କରି ସାର୍ବଜନୀନ କରିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ରାଜନୈତିକ ଦଳଙ୍କ ଏଜେଣ୍ଡାରେ ସହର ଓ ସହରବାସୀଙ୍କ ବିକାଶ ସ୍ଥାନ କେବେ ପାଇନାହିଁ। ଏଣୁ କମିଟି ଭୋଟରଙ୍କ ନିକଟରେ ଏଭଳି ଅପିଲ ରଖିବ ବୋଲି କହିଛି। ଉପସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସଂପାଦକ ଟି ସୁଦେଶ କୁମାର ପାତ୍ର ଓ ଉପଦେଷ୍ଟା ସୁବାସ ପାତ୍ର ଉପସ୍ଥିତ ଥିଲେ।

## ଶାଶୁଘରେ ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୮।୪(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ଦୋରା ସାହିରେ ଶାଶୁ ଘରେ ଏ. ସୁକାନ୍ତିଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁ ଆକ୍ରମଣ କରିବା ସହ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ସୁକାନ୍ତି ଘରେ ଗାଧୋଉଥିବା ବେଳେ ତାଙ୍କ ସ୍ୱାମୀ ଓ ଶାଶୁ ବାହାର ପଟୁ କବାଟ ବନ୍ଦ କରି ଦେଇଥିଲେ। ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାଡ଼ମାରି ଘରୁ ବାହାର କରି ଦେଇଥିଲେ। ଫଳରେ ସେ ଅଚେତ ହୋଇପଡିଥିଲେ। ତାଙ୍କ ଝିଅକୁ ମଧ୍ୟ ଆକ୍ରମଣ କରାଯାଇଥିବା ନେଇ ସୁକାନ୍ତି ଅଭିଯୋଗରେ ଦର୍ଶାଇଛନ୍ତି। ତାଙ୍କ ସ୍ୱାମୀ କୋର୍ଟରେ ଛାଡପତ୍ର ଆବେଦନ କରିଥିବା ମଧ୍ୟ ସୁକାନ୍ତି ପୋଲିସକୁ ଜଣାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରିଛି। ଘରୋଇ ସମସ୍ୟା ନେଇ କୋର୍ଟରେ ମାମଲା ବିଚାରାଧୀନ ରହିଥିବାରୁ ପୋଲିସ ଉଭୟ ପକ୍ଷଙ୍କୁ ପଚରାଉଚରା କରୁଛି।

## ସ୍ତ୍ରୀଙ୍କୁ ଆକ୍ରମଣ, ଅବସରପ୍ରାପ୍ତ ସେନା କର୍ମଚାରୀ ଗିରଫ

ଗୋପାଳପୁର,୮।୪(ନବୀନ ରାଜ ଆଚାରୀ)

ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ସୋମବାର ଗୋପାଳପୁର ଥାନା ପୋଲିସ ଅବସରପ୍ରାପ୍ତ ସେନା କର୍ମଚାରୀ ବଡ଼ ଗୁମୁଲା ଗ୍ରାମର ଦିଲ୍ଲୀପ ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଦିଲ୍ଲୀପ ଓ ତାଙ୍କ ସ୍ତ୍ରୀ ମିଲୁ ପାତ୍ରଙ୍କ ମଧ୍ୟରେ କୌଣସି କଥାକୁ ନେଇ କଳହ ଲାଗି ରହୁଥିଲା। ୩ ଦିନ ତଳେ ଦିଲ୍ଲୀପ ନିଶାଶକ୍ତ ଅବସ୍ଥାରେ ସ୍ତ୍ରୀଙ୍କ ସହ ଝଗଡା କରି ମାଡ ମାରି ନଜରବନ୍ଦୀ କରି ରଖିଥିଲେ। ଖବରପାଇ ମାନବଧିକାରୀ କର୍ମୀ ଓ ଗୋପାଳପୁର ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲରେ ପହଞ୍ଚାଇଥିଲେ। ପୋଲିସ ଦିଲ୍ଲୀପଙ୍କୁ ଅଟକ ରଖିଥିଲା। ପରେ ନଂ.୧୩୨/୨୪ରେ ତାଙ୍କୁ ଗିରଫ କରାଯାଇଛି।

## ଦଳପତି ଭବନର ଭୂମି ପୂଜା

ବ୍ରହ୍ମପୁର,୮।୪(ଅଶୋକ କୁମାର ସାହୁ):

ସ୍ଥାନୀୟ ଖୋଡାସିଙ୍ଗିଠାରେ ଦଳପତି କ୍ରିୟାନୁଶୀଳ କମିଟି ପକ୍ଷରୁ ଦଳପତି ଭବନ ନିର୍ମାଣ ପାଇଁ ଭୂମି ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାର ନାମ ରଖାଯାଇଛି ଶିବ-ପଦ୍ମା ଦଳପତି ଭବନ। ଏହି କାର୍ଯ୍ୟକ୍ରମରେ କମିଟିର ଅଧ୍ୟକ୍ଷ ଜଗନ୍ନାଥ ରାଉତ ଓ ତାଙ୍କ ପତ୍ନୀ ଏହି ଭୂମି ପୂଜନ କରିଥିଲେ। କାର୍ଯ୍ୟକ୍ରମରେ ଦଳପତି ଅନୁଷ୍ଠାନର ଆବାହକ ତଥା ପୂର୍ବତନ ବିଧାୟକ ଶିବଶଙ୍କର ସାହାଣୀ, ପର୍ଶୁରାମ ଜେନା, ନିରଞ୍ଜନ ଜେନା, ସୂର୍ଯ୍ୟକାନ୍ତ ପାତ୍ର, ସାଇପ୍ରସାଦ ପାତ୍ର, ବୀରଜା ପ୍ରସାଦ ପାତ୍ର, ଦଣ୍ଡପାଣି ପାତ୍ର, ଶାନ୍ତନୁ ପାତ୍ର, ସୁରେଶ ଜେନା, ଡା.ସୁରଥ ପାତ୍ର, ସନ୍ତୋଷ ପାତ୍ର, ଲକ୍ଷ୍ମୀକାନ୍ତ ଜେନା, ଅଶୋକ ଦଳେଇ, ପ୍ରମୋଦ ବିଶ୍ୱାଳ, ଗୌର ପାତ୍ର, ରମେଶ ଦଳେଇ, ଦେବରାଜ କୋଠିଆଙ୍କ ସମେତ ଦଳପତି ଜାତିର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

# ଘଣ୍ଟି ବଜାଇ ମାନବାଧିକାର ସୁରକ୍ଷା ମଞ୍ଚର ବିକ୍ଷୋଭ

### ବର୍ଦ୍ଧିତ ଘର ଟିକସ, ମେଡିକାଲରେ ପାର୍କିଂ ଫି' ପ୍ରତ୍ୟାହାର ଦାବି




ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବ୍ରହ୍ମପୁର,୮।୪(ସ୍ମୃତି ରଞ୍ଜନ ମହାଲିକ)

ମାନବାଧିକାର ସୁରକ୍ଷା ମଞ୍ଚ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଛି। ଘଣ୍ଟ ବଜାଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କୁ ଏକ ସ୍ମାରକପତ୍ର ଦେଇ ବର୍ଦ୍ଧିତ ଘର ଟିକସ, ମେଡିକାଲ ପରିସରରେ ପାର୍କିଂ ଫି' ପ୍ରତ୍ୟାହାର କରିବାକୁ ଦାବି କରିଛି। ଏଥିସହ ଏମକେସିଜିରେ ଅନୁପସ୍ଥିତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି କହିଛି। ରାଜ୍ୟର କୌଣସି ମେଡିକାଲ କଲେଜ ହସ୍ପିଟାଲରେ ପାର୍କିଂ ଫି' ନିଆଯାଉ ନାହିଁ। କିନ୍ତୁ ଏମ୍‌କେସିଜି ମେଡିକାଲରେ କର୍ତ୍ତୃପକ୍ଷଙ୍କ ଛତ୍ରଛାୟା ତଳେ ରହି କେତେଜଣ ଅସାମାଜିକ ବ୍ୟକ୍ତି ଏଭଳି କରୁଛନ୍ତି। ଦୀର୍ଘ ଦିନରୁ ମେଡିକାଲ ପରିସରରେ ସିକ୍ୟୁରିଟି ଓ ସିସିଟିଭି କ୍ୟାମେରା ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ବି ସୁରକ୍ଷା ନାମରେ ପାର୍କିଂ ଫି' କେଉଁ କାରଣରୁ ଆଦାୟ ହେଉଛି ବୋଲି ମଞ୍ଚ ପ୍ରଶ୍ନ କରିଛି। ମହାନଗର ନିଗମର କୌଣସି ସ୍ଥାନରେ ପାର୍କିଂ ଫି' ଆଦାୟ ହେଉ ନ ଥିବା ବେଳେ ମେଡିକାଲରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କଠାରୁ ପାର୍କିଂ ଫି ' ଆଦାୟ କାହା ସ୍ୱାର୍ଥରେ ବୋଲି ମଞ୍ଚ ପ୍ରଶ୍ନ କରିଛି। କରୋନା ସମୟରେ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗରରେ ଘର ଟିକସ ବୃଦ୍ଧି ସହ ଆବର୍ଜନା ସଂଗ୍ରହ ନାମରେ ୟୁଜର୍ସ ଫି' ବୃଦ୍ଧି କରାଗଲା। ସେତେବେଳେ ଏହାକୁ ବିରୋଧ କରାଯାଇଥିଲା। ଫଳରେ ସରକାର କଟକ ଓ ଭୁବନେଶ୍ୱରରେ ଏହାକୁ ବନ୍ଦ କରିଥିଲେ। କିନ୍ତୁ ବ୍ରହ୍ମପୁର ସହରରେ ବର୍ଦ୍ଧିତ ଘର ଟିକସ ଓ ୟୁଜର୍ସ ଫି' ୪ ଗୁଣା ଅଧିକ ଆଦାୟ କରାଯାଉଛି। ବ୍ରହ୍ମପୁରବାସୀଙ୍କ ପ୍ରତି ଏଭଳି ପାତର ଅନ୍ତରରୁ କ୍ଷାନ୍ତ ରହିବା ପାଇଁ ମଞ୍ଚ ଦାବି କରିଛି। ସେହିପରି ହସ୍ପିଟାଲରେ ସଂଖ୍ୟାଧିକ ଡାକ୍ତର ପଦବୀ ଖାଲି ପଡିଛି। ଏମକେସିଜିକୁ ଦୈନିକ ହଜାର ହଜାର ରୋଗୀ ଆସୁଥିବାବେଳେ ଅନ୍ତଃବିଭାଗ ଓ ବହିଃବିଭାଗରେ ଅଧିକାଂଶ ସମୟ ପ୍ରଫେସର ଓ ଡାକ୍ତରମାନେ ଅନୁପସ୍ଥିତ ରହୁଛନ୍ତି। ଚିକିତ୍ସା ଅଭାବରୁ ରୋଗୀଙ୍କ ମୃତ୍ୟୁ ହେଉଛି। ତେଣୁ ଅନୁପସ୍ଥିତ ଡାକ୍ତର ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହୋଇଛି। ସହରର ବିଭିନ୍ନ ଦାବି ନେଇ ମଞ୍ଚ ୧୧୯ଥର ଘଣ୍ଟ ବଜାଇ ନିଜ ହକ ମାଗିଛି। ମଞ୍ଚର ଆବାହକ ଅବନୀ ଗୟା, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ସଂପାଦକ ସୁବାଷ ଚନ୍ଦ୍ର ମିଶ୍ର, ସାଲା କେଶବ ଲିଙ୍ଗମ ଓ ପି. ନାଗେଶ୍ୱରଙ୍କ ସମେତ ମଂଚର ବହୁ ସଦସ୍ୟ ବିକ୍ଷୋଭରେ ସାମିଲ ଥିଲେ।

## ଘରୋଇ ଫାଇନାନ୍ସ ସଂସ୍ଥାରୁ ୧୩ ଲକ୍ଷ ଚୋରି: ୨ ଅଟକ

ବ୍ରହ୍ମପୁର,୮।୪(ସୁବାସ ଚନ୍ଦ୍ର ପାଢ଼ୀ)




ସ୍ପନ୍ଦନା ସ୍ଫୁର୍ତ୍ତି କାର୍ଯ୍ୟାଳୟ ।

ବ୍ରହ୍ମପୁର ଉପକଣ୍ଠ ଲାଠି ଗ୍ରାମର ଏକ ଘରୋଇ ଫାଇନାନ୍ସ (ଅର୍ଥଲଗାଣ) ସଂସ୍ଥାରୁ ୧୩ ଲକ୍ଷରୁ ଅଧିକ ଟଙ୍କା ଚୋରି ହୋଇଛି । ରବିବାର ରାତିରେ କୌଣସି ଦୁର୍ବୃତ୍ତ କାର୍ଯ୍ୟାଳୟ ଭିତରେ ପଶି ଲକର ଭାଙ୍ଗି ଏଭଳି କାଣ୍ଡ ଭିଆଇଥିବା ସୋମବାର ସଦର ଥାନାରେ ଅଭିଯୋଗ ହୋଇଛି। ବରିଷ୍ଠ ପୋଲିସ ଅଧିକାରୀ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଉକ୍ତ ସଂସ୍ଥାର ୨ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ କରୁଛି। ସେମାନଙ୍କୁ ଥାନାରେ ମୁହାଁମୁହିଁ ଜେରା କରୁଛି। ବ୍ରହ୍ମପୁର-ଲାଠୀ ଗ୍ରାମ ମୁଖ୍ୟ ରାସ୍ତା କଡ଼େ ଥିବା ଘରୋଇ ଶିଶୁମନ୍ଦିର ନିକଟରେ ଏକ ଭଡା ଘରେ ଘରୋଇ ଅର୍ଥଲଗାଣ ସଂସ୍ଥା 'ସ୍ପନ୍ଦନା ସ୍ଫୁର୍ତ୍ତି ଫାଇନ୍ସସିଆଲ ଲିମିଟେଡ଼' ର କାର୍ଯ୍ୟାଳୟ ରହିଛି । ଏହି ସଂସ୍ଥା ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ପ୍ରକାର ଋଣ ପ୍ରଦାନ କରି ଆସୁଛି । ସେହିପରି ସଂସ୍ଥାର କର୍ମଚାରୀମାନେ ପ୍ରତ୍ୟେକ ଦିନ ଲୋକଙ୍କଠାରୁ ଋଣ ବାବଦ କିସ୍ତି ଆଦାୟ କରୁଛନ୍ତି । ଏହି କାର୍ଯ୍ୟାଳୟରେ ୧୩ କର୍ମଚାରୀ ଅଛନ୍ତି । ରବିବାର ରାତିରେ କେତେଜଣ କର୍ମଚାରୀ କାର୍ଯ୍ୟାଳୟ ଭିତରେ ଶୋଇଥିଲେ । କାର୍ଯ୍ୟାଳୟ ଭିତରେ ଥିବା ଲକରରେ ପ୍ରାୟ ୧୬ ଲକ୍ଷ ଟଙ୍କା ଥିଲା। ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ କାର୍ଯ୍ୟାଳର କବାଟ ଭାଙ୍ଗି ଭିତରକୁ ପଶିବା ସହ ଲକର ଭାଙ୍ଗି ତା' ଭିତରୁ ୧୩ ଲକ୍ଷ ୨୭ ହଜାର ୧୬୬ ଟଙ୍କା ଚୋରି କରି ନେଇ ଯାଇଥିବା ସଂସ୍ଥାର କର୍ମଚାରୀ ଦୀପକ କୁମାର ପ୍ରଧାନ ଅଭିଯୋଗରେ ଦର୍ଶାଇଛନ୍ତି। ଅତିରିକ୍ତ ଏସପି ରମେଶଚନ୍ଦ୍ର ସେଠୀ, ଏସଡିପିଓ ଶୁଭ୍ରାଂଶୁ ଶେଖର ପରିଡା ଓ ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନଙ୍କ ସମେତ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଲକରରେ ୧୬ ଲକ୍ଷ ଟଙ୍କା ଥିବା ବେଳେ ଦୁର୍ବୃତ୍ତମାନେ କିଭଳି ୧୩ ଲକ୍ଷ ଟଙ୍କା ଚୋରି କଲେ ତାକୁ ନେଇ ସନ୍ଦେହ ଉପୁଜିଛି । ତଦନ୍ତ ପରେ ପ୍ରକୃତ ଘଟଣା ସାମ୍ନାକୁ ଆସିବ ବୋଲି ପୋଲିସ କହିଛି।

## ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ବ୍ରହ୍ମପୁର୮।୪(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଓକିଲ ସଂଘର ସଦସ୍ୟ ପ୍ରସନ୍ନ ପଟ୍ଟନାୟକ(୬୮)ଙ୍କ ବିୟୋଗରେ ସୋମବାର ୨ ଘଣ୍ଟା କୋର୍ଟକାର୍ଯ୍ୟ ବନ୍ଦ ରହିଥିଲା। ଏଥିସହ ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ସଭାପତି ନୟନ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୋକସଭା ହୋଇଥିଲା। ପ୍ରସନ୍ନ ଦୀର୍ଘଦିନ ଧରି ପକ୍ଷାଘାତରେ ପୀଡିତ ଥିଲେ। ଶନିବାର ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ମୃତ ଆଇନଜୀବୀଙ୍କ ପରିବାର ବର୍ଗଙ୍କୁ ସଂଘ ପକ୍ଷରୁ ୫୦ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର, ଉପ ସଭାପତି ରାମ ପ୍ରସାଦ ପଣ୍ଡା, ଯୁଗ୍ମ ସମ୍ପାଦକ ଗିରିଜା ଶଙ୍କର ବେହେରା, ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ଅକ୍ଷୟ ପଟ୍ଟନାୟକ , ମନୋଜ ପଟ୍ଟନାୟକ , ବରୁଣ ଗୌଡ଼, ରଘୁନାଥ ପାଣିଗ୍ରାହୀ, ପ୍ରଦୀପ କୁମାର ଶତପଥୀ, କରୁଣାକର ପାଣିଗ୍ରାହୀ ପ୍ରମୁଖ ଶୋକ ସଭାରେ ଉପସ୍ଥିତ ଥିଲେ।

## ଜଗଦଲପୁରରେ ଗୋଷ୍ଠୀ ସଂଘର୍ଷ, ୨ ମାମଲା ରୁଜୁ

ବ୍ରହ୍ମପୁର,୮।୪ (ସୁବାସ ଚନ୍ଦ୍ର ପାଢ଼ୀ)

ଦଣ୍ଡନାଚକୁ ନେଇ ଜଗଦଲପୁର ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଏ ନେଇ ନିମଖଣ୍ଡି ଥାନାରେ ପୋଲିସ ପୃଥକ ୨ଟି ମାମଲା ରୁଜୁ କରି ଲୋକଙ୍କୁ ଥାନାକୁ ଆଣି ପଚରାଉଚରା କରିଛି।

ଗ୍ରାମର ଶିବ ଦାସ ଗତ ୬ ତାରିଖ ରାତିରେ ଦଣ୍ଡନାଚ ଦେଖି ଯାଉଥିବା ବେଳେ କମାପଲ୍ଲୀ ପଡିଆସାହିର ୭ରୁ ୮ ଜଣ ଯୁବକ ତାଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ତାଙ୍କ ପାଖରେ ଥିବା ଟଙ୍କା ମଧ୍ୟ ଛଡାଇ ନେଇଥିଲେ ବୋଲି ଶିବଙ୍କ ମା' ଛବି ଦାସ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୧୫/୨୪ରେ ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି । ସେହିପରି ପଡିଆ ସାହିର ଟୁକୁନା ଦାସ ଜଗଦଲପୁର ଯାଉଥିବା ବେଳେ ଦଳିତ ସାହିର କେତେଜଣ ଯୁବକ ଅଟକାଇ ଗାଳିଗୁଲଜ ସହ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଟଙ୍କା ଛଡାଇ ନେଇଥିଲେ ବୋଲି ତାଙ୍କ ମା' ବନି ଦାସ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ନଂ.୧୧୬/୨୪ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି ।

## ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର,୮।୪(ଅଶୋକ କୁମାର ସାହୁ):

ଗଜପତିନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସୋମବାର ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶିଶୁ ବାଟିକା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲର ଉପସଭାପତି ସୁପ୍ରଭା ପାତ୍ର ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିକାଶ ସମିତି, ଦକ୍ଷିଣପୂର୍ବ ସମ୍ଭାଗ ଶିଶୁ ବାଟିକା ପ୍ରମୁଖ ବି.ସୁଶୀଳା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁର ବୌଦ୍ଧିକ ଶିକ୍ଷା ବିକାଶରେ ମାତାପିତାଙ୍କ ଭୂମିକା ସମ୍ପର୍କରେ କହିଥିଲେ। ପ୍ରଧାନାଚାର୍ଯ୍ୟ ସୁନୀଲ କୁମାର ଗୌଡ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କହିଥିଲେ। ଆଚାର୍ଯ୍ୟା ନିର୍ମଳା ଗନ୍ତାୟତ ଅତିଥି ପରିଚୟ ଦେଇଥିଲେ। ଶିଶୁବାଟିକା ଗୁରୁମା ସୁଜାତା ପଣ୍ଡା, ସବିତା ମହାପାତ୍ର, ନର୍ମଦା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗର ବାର୍ଷିକ ଉତ୍ସବ




ବ୍ରହ୍ମପୁର,୮।୪(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବାଣିଜ୍ୟ ବିଭାଗର ୪୮ ତମ ବାର୍ଷିକ ଉତ୍ସବ କମୋରା -୨୦୨୪ ସୋମବାର ଉଦଘାଟିତ ହୋଇଛି। ବିଭାଗର ସଂଯୋଜକ ଡ଼.ମହେଶ୍ୱର ସେଠୀ ବିଭାଗର ପ୍ରତିଷ୍ଠାତା ପ୍ରଫେସର ସ୍ୱର୍ଗତ ଗଙ୍ଗା ପ୍ରସାଦ ପଣ୍ଡାଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ଏହି ୨ଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲାର ବ୍ୟବସାୟୀ ଆର.ମୁରଲୀକ୍ରିଷ୍ଣା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବ୍ୟବସାୟ ଓ ବାଣିଜ୍ୟ ସମ୍ପର୍କିତ ବହୁ ପରାମର୍ଶ ଦେଇଥିଲେ। ପ୍ରଥମ ଦିନ ଗଙ୍ଗାଧର ପଣ୍ଡା ବକ୍ତୃତା ମାଳା ହୋଇଥିଲା। ଛାତ୍ରୀଛାତ୍ର ତଥା ଗବେଷକଙ୍କ ଦ୍ୱାରା ପ୍ରସ୍ତୁତ ୱାଲମାଗାଜିନ କମୋରା ୨୦୨୪ ଉଦଘାଟିତ ହୋଇଥିଲା। ସେହିପରି ବାଣିଜ୍ୟ ଛାତ୍ରୀଛାତ୍ରଙ୍କୁ ନେଇ ବ୍ୟବସାୟ କ୍ରୀଡ଼ା ଆୟୋଜିତ ହୋଇଥିଲା। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, କିଟ୍, ନିଷ୍ଟ, ଗୋପାଳପୁର ମହାବିଦ୍ୟାଳୟ ସମେତ ବହୁ ମହାବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପରେ ଆଇଡ଼ିଆର ୱାକାଥନ ନାମକ ବାଣିଜ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧୭ ନୂତନ ବାଣିଜ୍ୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବାଣିଜ୍ୟ ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ। ବାଣିଜ୍ୟ ବିଭାଗର ସହକାରୀ ଅଧ୍ୟାପିକା ଡ଼.ଚନ୍ଦ୍ରିକା ପ୍ରସାଦ ଦାସ, ବି.ଭେଙ୍କେଟ ରାଓ, ଡ଼.ଜିନତ ପଟ୍ଟନାୟକ ଓ ଶକ୍ତିରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚକ୍ଷୁ ପରୀକ୍ଷା ଶିବିର

ବ୍ରହ୍ମପୁର,୮।୪(ଅଶୋକ କୁମାର ସାହୁ): ବ୍ରହ୍ମପୁର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଜିପୁର ଭକ୍ତିଭବନ ପରିସରରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ମଞ୍ଚର ସଭାପତି ତ୍ରିନାଥ ମହାରଣା ଏଥିରେ ଅଧ୍ୟକ୍ଷତା କରିଥିଲେ। ଡା. ଇ.ଜୟନ୍ତୀ ରାଓ ଚକ୍ଷୁର ପରୀକ୍ଷା ସହ ଚକ୍ଷୁର ସୁରକ୍ଷା ଓ ମଧୁମେହ ରୋଗର କାରଣ ଓ ନିରାକରଣ ଉପରେ କହିଥିଲେ। ଏହି ଅବସରରେ ଡା. ରାଓଙ୍କୁ ସମ୍ମାନିତ କରାଯାଇଥିଲା। ପଙ୍କଜ କୁମାର ନାୟକ, ରବି ନାରାୟଣ ସାବତ, ଶିବ ପ୍ରସନ୍ନ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ। ମୃତ୍ୟୁପରେ ଚକ୍ଷୁଦାନ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

## ଭୌତିକ ଚିକିତ୍ସା ଶିବିରରେ ୭୩ ଚିକିତ୍ସିତ



ଶିବିରରେ ଚିକିତ୍ସା କରାଯାଉଛି।

ବ୍ରହ୍ମପୁର,୮।୪(ସୁବାସ ଚନ୍ଦ୍ର ପାଢ଼ୀ):

ସ୍ଥାନୀୟ ବୈକୁଣ୍ଠ ନଗର ଦ୍ୱିତୀୟ ଗଳିରେ ରବିବାର ଭୌତିକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କୁରି ଫିଜିଓଥେରାପି ଓ ରିହାବିଲିଏସନ ସେଣ୍ଟର ପକ୍ଷରୁ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥି ଭାବେ ଡା. ଜୟଶଙ୍କର ପଣ୍ଡା ଓ ଡା. ସ୍ମୃତିରେଖା ମହାପାତ୍ର ଉଦଘାଟନ କରିଥିଲେ। ୧୮ ଜଣଙ୍କ ଭୌତିକ ଚିକିତ୍ସା କରାଯାଇଥିବାବେଳେ ଅକୁପେସନାଲ ଥେରାପି ୨୨ ଜଣଙ୍କର କରାଯାଇଥିଲା। ସେହିପରି ସ୍ପିଚ ଥେରାପି ୧୫ଜଣଙ୍କର, ଶ୍ରବଣ ପରୀକ୍ଷା ୧୦ଜଣଙ୍କର ଓ ସ୍ପେଶିଆଲ ଏଜୁକେସନ ଚିକିତ୍ସା ୮ ଜଣଙ୍କର ଏଭଳି ମୋଟ ୭୩ଜଣଙ୍କର ଚିକିତ୍ସା କରାଯାଇଥିଲା। ଫିଜିଓଥେରାପିଷ୍ଟ ଡା. ଶଶାଙ୍କ ଶେଖର ପରିଡା, ଡା.ପ୍ରିୟମ୍ବଦା ପଲାଇ, ଡା. ପୟଙ୍କା ପରମିତା, ଡା. ବିଦ୍ୟୁତପ୍ରଭା ମିଶ୍ର ଏବଂ ଅକୁପେସନାଲ ଥେରାପିଷ୍ଟ ଡା.ମନିଷା ମହାପାତ୍ର, ଡା.ସ୍ୱାଗତିକା ଚୌଧୁରୀ, ଡା. ଲିପ୍‌ସିକା ବେହେରା, ସ୍ପିଚ ଥେରାପିଷ୍ଟ ଡା. ସୁମିତ ବେହେରା, ରୁଦ୍ର ନାରାୟଣ ଦାସ, ସ୍ପେଶିଆଲ ଏଜୁକେସନ ପାଇଁ ଦେବାଶିଷ ବେହେରା ରଞ୍ଜିତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ମହିଳା ଟେକ୍ନିସିଆନଙ୍କ ମୃତ୍ୟୁ ଘଟଣା, ତଦନ୍ତ ପାଇଁ ଏସ୍‌ପିଙ୍କୁ ଫେରାଦ

ବ୍ରହ୍ମପୁର,୮।୪ (ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଗଜପତିନଗର ୧୦ମ ଲାଇନରେ ରହୁଥିବା ଦିଗମ୍ବରୀ ମହାପାତ୍ର ନାମ୍ନୀ ଜଣେ ମହିଳା ନିଜ ବାପା ଘରେ ଆତ୍ମହତ୍ୟା କରିବା ଘଟଣାର ଉପଯୁକ୍ତ ତଦନ୍ତ ଦାବି ହୋଇଛି। ଏ ନେଇ ଦିଗମ୍ବରୀଙ୍କ ପରିବାର ସୋମବାର ବ୍ରହ୍ମପୁର ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ଦିଗମ୍ବରୀଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁ ଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ କରିଛନ୍ତି। ଓପିଟିସିଏଲ ବ୍ରହ୍ମପୁର ଶାଖାରେ ଟେକନିସିଆନ ଭାବେ କାର୍ଯ୍ୟ କରୁଥିବା ଦିଗମ୍ବରୀ ୨୦୧୮ରେ ଗଜପତିନଗରେ ବିବାହ କରିଥିଲେ । ତାଙ୍କର ପ୍ରଥମେ ଏକ କନ୍ୟା ସନ୍ତାନ ଜନ୍ମ ହେବାରୁ ଶାଶୁଘର ଲୋକେ ତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ଏହି କାରଣରୁ ଗତ ୬ ତାରିଖରେ ଦିଗମ୍ବରୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ଏହାର ଉପଯୁକ୍ତ ତଦନ୍ତ କରି ପଦକ୍ଷେପ ନେବାକୁ ଦିଗମ୍ବରୀଙ୍କ ପରିବାର ପକ୍ଷରୁ ସ୍ଥାୟୀ ବିକାଶ ଲକ୍ଷ୍ୟ ନାମକ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ସୋମବାର ବ୍ରହ୍ମପୁର ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ବ୍ରହ୍ମପୁର ବିଜେଡି ରାଜନୀତିରେ ଅନ୍ତଃକଳି

### ଚ୍ୟାଉ ପଟ୍ଟନାୟକ-ସୁବାସ ମହାରଣା ମତଭେଦ

ବ୍ରହ୍ମପୁର,୮।୪(ନରସିଂହ ସାହୁ)

ବ୍ରହ୍ମପୁର ବିଜେଡି ରାଜନୀତିରେ ଅନ୍ତଃକନ୍ଦଳ ଦେଖାଦେଇଛି। ବିଧାନସଭା ଟିକେଟ ଘୋଷଣା ପରେ ଅସନ୍ତୋଷ ବଢ଼ିଚାଲିଛି। ଅନ୍ୟପକ୍ଷରେ ଜିଲା ବିଜେଡି ସଭାପତି ତଥା ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏବଂ ତାଙ୍କ ୩ ଦଶନ୍ଧିର ଘନିଷ୍ଠ ସହଯୋଗୀ ତଥା ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣାଙ୍କ ମଧ୍ୟରେ ମତଭେଦ ଉଗ୍ରରୂପ ନେଇଛି। କେହି କାହାର ଛାଇ ଦେଖୁନାହାନ୍ତି। ଏହା ବିଜେଡିକୁ କ୍ଷତି ପହଞ୍ଚାଇବ ବୋଲି ରାଜନୀତି ସମୀକ୍ଷକ ମହଲରେ ମତ ପ୍ରକାଶ ପାଇଛି। ସୁବାସଙ୍କ ମାନଭଞ୍ଜନ କରି ସମାଧାନ ପାଇଁ ସୋମବାର ଶୀର୍ଷ ମହଲରୁ ନିର୍ଦ୍ଦେଶ ଆସିଥିବା ଖବର ମିଳିଛି। ପରବର୍ତ୍ତୀ ସ୍ଥିତି କ'ଣ ହେବ ସେଥିପାଇଁ ଅପେକ୍ଷା କରାଯାଇଛି। ଯଦି ନ ହୁଏ ତେବେ ଫାଇଦା ନେବାକୁ ଭାଜପା ଚାହିଁ ରହିଛି।ସୂଚନା ଅନୁସାରେ, ଚ୍ୟାଉ ପଟ୍ଟନାୟକ ୫ଥର ବ୍ରହ୍ମପୁର ଆସନରୁ ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ ତାଙ୍କ ଟିକେଟ କଟିଥିଲା। ତେବେ ସରକାର ତାଙ୍କୁ କ୍ୟାବିନେଟ ର୍‍ୟାଙ୍କ ଦେଇ ଅନ୍ୟ ପଦରେ ୫ ବର୍ଷ ହେଲା ଥଇଥାନ କରିଥିଲେ। ତଥାପି ଚଳିତ ନିର୍ବାଚନରେ ପୁଣି ନିର୍ବାଚନ ଲଢ଼ିବା ପାଇଁ ଦୀର୍ଘଦିନରୁ ଆଶାୟୀ ଥିଲେ ଓ ସଫଳ ମଧ୍ୟ ହେଲେ। ଚ୍ୟାଉଙ୍କ ବିକଳ୍ପ ହେବାକୁ ସୁବାସ ମଧ୍ୟ ଆଶାୟୀ ଥିଲେ। ପ୍ରାର୍ଥୀ ଘୋଷଣା ଦିନ ଉଭୟ ନବୀନ ନିବାସ ପାଖରେ ଥିଲେ। ସୁବାସ ତାଙ୍କ ନାମ ସୁପାରିସ କରିବାକୁ ଚ୍ୟାଉଙ୍କୁ କହିଥିଲେ। ବିଫଳ ହେବାରୁ ଏଠାକୁ ଫେରିଥିଲେ। ସେହିଦିନ ଠାରୁ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଛି। ମହାରଣା ତାଙ୍କ ମୁହଁ ଦେଖୁନାହାନ୍ତି। ସୋମବାର ଚ୍ୟାଉ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଦଳ ଯାହାକୁ ପ୍ରାର୍ଥୀ କରିବ ତାଙ୍କୁ ଜିତାଇବାକୁ ନିଷ୍ପତ୍ତି ହୋଇଥିଲା। ମୁଁ ଟିକେଟ ପାଇବାରୁ ସୁବାସ ବାବୁ ବିମୁଖ ଭାବ ପ୍ରକାଶ କରୁଛନ୍ତି। ପ୍ରତିକ୍ରିୟାରେ ସୁବାସ ମହାରଣା କହିଛନ୍ତି ଫାଟ ସୃଷ୍ଟି ପାଇଁ ଚ୍ୟାଉଙ୍କୁ କୁଚକ୍ରୀ ଗୋଷ୍ଠୀ ଘେରି ରହିଛନ୍ତି। ସେହି ଗୋଷ୍ଠୀରେ ୩ରୁ ୪ ଜଣ ଅଛନ୍ତି। ସେ ଭବିଷ୍ୟତରେ ବିଧାୟକ ହେବାର ଦିବା ସ୍ୱପ୍ନ ଦେଖୁଛନ୍ତି। ମତେ ଦୂରେଇ ଫାଇଦା ନେବା ଷଡ଼ଯନ୍ତ୍ର କରିଛନ୍ତି। ବିଜେଡି ରାଜ୍ୟ ସମ୍ପାଦକ ଥିବା ସତ୍ତ୍ୱେ ଏଠାର ଦଳୀୟ କାର୍ଯ୍ୟକ୍ରମକୁ ଗତ କିଛିଦିନ ହେବ ଡ଼କାଯାଉନଥିବା ସୁବାସ ସିଧା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଗତ ରବିବାର ସନ୍ଧ୍ୟାରେ ବ୍ରହ୍ମପୁର ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ମହାନଗରରେ ବିଜେଡି ପକ୍ଷରୁ ସମ୍ବର୍ଦ୍ଧନା ଦେବା ଲାଗି ବାଇକ ରାଲି ହୋଇଥିଲା। ତେବେ ତାଙ୍କୁ ଡ଼କାଯାଇନଥିବା ଆରୋପ କରିଛନ୍ତି। ତେବେ ଏହାକୁ ମଧ୍ୟ ଚ୍ୟାଉପଟ୍ଟନାୟକ ଖଣ୍ଡନ କରିଛନ୍ତି।

